

ଉତ୍କଳ ବିଶ୍ୱବିଦ୍ୟାଳୟର ୩୯ତମ ସମାବର୍ତ୍ତନ ଉତ୍ସବରେ ଡକ୍ଟରେଟ ଉପାଧି ଲାଭ କରିଥିବା (ବାମରୁ) ଜଷ୍ଟିସ ରଙ୍ଗନାଥ ମିଶ୍ର, ପ୍ରିୟବ୍ରତ ଦାସ , ଜୟନ୍ତ ମହାପାତ୍ର ଓ ମନୋଜ ଦାସ ।

# 'ବିଶ୍ୱବିଦ୍ୟାଳୟ ଯୁବଗୋଷ୍ଠୀ ମାନବିକ ଗୁଣର ବିକାଶ ଘଟାଏ'

## ଉତ୍କଳ ବିଶ୍ୱବିଦ୍ୟାଳୟର ୩୯ତମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୨୮।୧(ବ୍ୟୁରୋ)- ବିଶ୍ୱ ବିଦ୍ୟାଳୟ ଜ୍ଞାନ ଓ ମାନବିକ ମୂଲ୍ୟବୋଧର ଏକ କେନ୍ଦ୍ରସ୍ଥଳୀ । ଏହା ଜାତୀୟ ଓ ବ୍ୟକ୍ତିଗତ ଜୀବନ ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା କେବଳ ଜାତୀୟ ଜୀବନ ଗଠନରେ ସହାୟତା କରି ନ ଥାଏ, ଯୁବଗୋଷ୍ଠୀ ମଧ୍ୟରେ ସହନଶୀଳତା,ମାନବିକତା,ବିବେକବୋଧ ଓ ପ୍ରଶସ୍ତଦୃଷ୍ଟିଭଙ୍ଗୀ ପ୍ରଭୃତି ମାନବିକ ମୂଲ୍ୟବୋଧର ବିକାଶ ଘଟାଇଥାଏ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି ରାମେଶ୍ୱର ଠାକୁର ଗତ ୨୮ତାରିଖରେ ବିଶ୍ୱବିଦ୍ୟାଳୟର ୩୯ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ କହିଥିଲେ । ଏହି ବିଶ୍ୱବିଦ୍ୟାଳୟ ନିଜର ବିଶାଳ ଶିକ୍ଷାବ୍ୟବସ୍ଥା ଓ ପ୍ରଗତିଶୀଳ ଚିନ୍ତାଧାରା ସହାୟତାରେ ଦେଶର ବିକାଶରେ ସହଯୋଗ କରିଆସୁଛି ବୋଲି ସେ କହିଥିଲେ । ଏହି ବିଶ୍ୱବିଦ୍ୟାଳୟ ଦେଶରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏହା ଦେଶର ଦ୍ୱିତୀୟ ବୃହତ୍ ୟୁନିଭରସିଟି । ରାଜ୍ୟର ୩୧୬ଟି ସ୍ୱୀକୃତିପ୍ରାପ୍ତ କଲେଜରେ ୧ଲକ୍ଷ ୪୯ହଜାର ଛାତ୍ରୀଛାତ୍ର ଏହାର ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅଧ୍ୟୟନରତ ଅଛନ୍ତି । ଏଥିରେ ୨୭ଟି ପୋଷ୍ଟ ଗ୍ରାଜୁଏଟ ଡିପାର୍ଟମେଣ୍ଟ, ଦୁଇଟି ଆଇନ କଲେଜ, ଗୋଟିଏ ଦୂରଶିକ୍ଷା ନିର୍ଦ୍ଦେଶାଳୟ ଏବଂ ବହୁ ଗବେଷଣା କେନ୍ଦ୍ର ଓ ସମ୍ପ୍ରସାରଣ କେନ୍ଦ୍ର ରହିଛି ବୋଲି କୁଳାଧିପତି ନିଜର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ୨୭ଟି ବିଭାଗରୁ ୧୭ଗୋଟି ବିଭାଗ ୟୁଜିସି ,ଡିବିଟି ଓ ଫିଷ୍ଟ ପାଇବାକୁ ଜାତୀୟ ସ୍ତରରେ ଯୋଗ୍ୟ ବିବେଚିତ ହେବା ବିଶ୍ୱବିଦ୍ୟାଳୟ ପକ୍ଷେ ଗର୍ବର ବିଷୟ ବୋଲି ଶ୍ରୀ ଠାକୁର କହିଥିଲେ । ୟୁନିଭରସିଟି ଅଫ୍ ଏକ୍ସିଲେନସ ଷ୍ଟାଟସ ପାଇବା ପାଇଁ ଏହା ନିଜର ପ୍ରଚେଷ୍ଟା ଜାରିରଖିଛି । ଜଗତୀକରଣକୁ ଦୃଷ୍ଟିରେ ରଖି ଇ-ଗଭର୍ଣ୍ଣାସ ବିଶ୍ୱବିଦ୍ୟାଳୟ ପରିସରରେ ଖୋଲାଯାଇଛି ବୋଲି ସେ ନିଜର ଭାଷଣରେ କହିଥିଲେ । ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ବିଶ୍ୱବିଦ୍ୟାଳୟ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରିଛି ବୋଲିସେ କହିଥିଲେ ।

ଏହି ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ସି. ରଙ୍ଗରାଜନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅର୍ଥନୈତିକ ପ୍ରଗତିରେ ୟୁନିଭରସିଟିର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଦେଶର ଅର୍ଥନୈତିକ ବିକାଶ ପାଇଁ ଏକ ପ୍ରତିଯୋଗିତାପୂର୍ଣ୍ଣ ବାତାବରଣ ସୃଷ୍ଟି କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏଲ.ଏନ.ମିଶ୍ର ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ସେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଗାମୀ ଦିନରେ ଏହା ଆହୁରି ଉନ୍ନତ ଶିକ୍ଷା ପ୍ରଦାନ କରିପାରିବ ବୋଲି କହିଥିଲେ । ଏହି ଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରଙ୍ଗନାଥ ମିଶ୍ର , ବିଶିଷ୍ଟ ଗାଳ୍ପିକ ଓ ଲେଖକ ପ୍ରଫେସର ମନୋଜ ଦାସ, ବିଶିଷ୍ଟ ବେଦବିତ୍ ପ୍ରିୟବ୍ରତ ଦାସ,ଲେଖକ ଜୟନ୍ତ ମହାପାତ୍ରଙ୍କୁ କୁଳାଧିପତି ଡକ୍ଟରେଟ ଉପାଧିରେ ସମ୍ମାନିତ କରିଥିଲେ । ଏହାଛଡା ବିଶ୍ୱବିଦ୍ୟାଳୟର ଶିକ୍ଷାକ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ମାନଙ୍କୁ ସ୍ୱର୍ଣ୍ଣ ପଦକ ଓ ମାନପତ୍ର ରାଜ୍ୟପାଳ ପ୍ରଦାନ କରିଥିଲେ